ଚନ୍ଦ୍ରିକା ପ୍ରସାଦ (ମୃତ) ଆଇନଗତ ଉତ୍ତରାଧିକାରୀଙ୍କ ଜରିଆରେ ଏବଂ ଅନ୍ୟଜଣେ

*ବନାମ*

ଉମେଶ କୁମାର ବର୍ମା ଏବଂ ଅନ୍ୟମାନେ

7 ନଭେମ୍ବର, 2001

[ଆର୍. ପି. ସେଠୀ ଏବଂ ଏସ୍. ଏନ୍. ଫୁକାନ୍, ନ୍ୟାୟମୂର୍ତ୍ତିଦ୍ୱୟ]

*ଭଡ଼ା ନିୟନ୍ତ୍ରଣ ଏବଂ ବେଦଖଲ:*

*ବିହାର ଗୃହ ନିର୍ମାଣ (ଲିଜ୍, ଭଡ଼ା ଏବଂ ବେଦଖଲ) ନିୟନ୍ତ୍ରଣ ଅଧିନିୟମ, 1982 - ଧାରା 14(8) - ପୁନରୀକ୍ଷଣ ଅଧିକାରିତା - ଉଚ୍ଚ ନ୍ୟାୟାଳୟ - ଏହାର ପରିସର ଏବଂ କ୍ଷମତା - ନିର୍ଣ୍ଣୟ କରାଯାଇଥିଲା: ଉଚ୍ଚ ନ୍ୟାୟାଳୟକୁ ନିଜକୁ ସନ୍ତୁଷ୍ଟ କରିବାକୁ ହେବ ଯେ ବେଦଖଲ ଆଦେଶ ଆଇନ ଅନୁଯାୟୀ ଅଟେ କି - ଯଦିଓ ପୁନରୀକ୍ଷଣ ଅଧିକାରିତା କେବଳ ଅପିଲୀୟ ଅଧିକାରିତାର ଏକ ଅଂଶ ଅଟେ, ଏହାକୁ ଏକ ପୂର୍ଣ୍ଣକାଳୀନ ଅପିଲ ସହ ସମାନ ବୋଲି ଗ୍ରହଣ କରାଯାଇପାରିବ ନାହିଁ*

ଆବେଦନକାରୀ-ଜମି ମାଲିକମାନେ ବିହାର ଗୃହ ନିର୍ମାଣ (ଲିଜ୍ , ଭଡ଼ା ଏବଂ ବେଦଖଲ) ନିୟନ୍ତ୍ରଣ ଅଧିନିୟମ, 1982 ର ଧାରା 11 (1) (c) ଅନୁଯାୟୀ ମକଦ୍ଦମାଧୀନ ପରିସରରୁ ଉତ୍ତରଦାତା-ଭଡ଼ାଟିଆଙ୍କୁ ବେଦଖଲ କରିବା ପାଇଁ ଏକ ମକଦ୍ଦମା ଦାୟର କରିଥିଲେ କାରଣ ଯୁକ୍ତିଯୁକ୍ତ ଏବଂ ସାଧୁ ଉଦ୍ଦେଶ୍ୟରେ ସେମାନଙ୍କ ବ୍ୟବହାର ଏବଂ ବୃତ୍ତି ପାଇଁ ଆବେଦନକାରୀ-ଜମି ମାଲିକଙ୍କ ଦ୍ୱାରା ମକଦ୍ଦମାଧୀନ ପରିସରର ଆବଶ୍ୟକତା ଥିଲା ଏବଂ ଆବେଦନକାରୀ ସଂଖ୍ୟା 2 ଙ୍କର ଜ୍ୱାଇଁଙ୍କ ପାଇଁ ଏକ କ୍ଲିନିକ୍ ଆରମ୍ଭ କରିବା ପାଇଁ ମକଦ୍ଦମା ପରିସରର ମଧ୍ୟ ଆବଶ୍ୟକ ରହିଥିଲା ।

ବିଚାରଣ ନ୍ୟାୟାଳୟ ନିର୍ଣ୍ଣୟ କରିଥିଲେ ଯେ ମୌଳିକ ଏବଂ ଆବେଦନକାରୀଙ୍କ ଦ୍ୱାରା ଯଥାର୍ଥ ଭାବରେ ମକଦ୍ଦମାଧୀନ ପରିସରର ଆବଶ୍ୟକ ରହିଥିଲା ଏବଂ ସେହି ଅନୁଯାୟୀ ବେଦଖଲ ଆଦେଶ ଦେଇଥିଲେ । ତେବେ, ଅଧିନିୟମର ଧାରା 14 (8) ଅନୁଯାୟୀ ଉତ୍ତରଦାତା-ଭଡ଼ାଟିଆଙ୍କ ଦ୍ୱାରା ଦାଖଲ ହୋଇଥିବା ଆବେଦନକୁ ଉଚ୍ଚ ନ୍ୟାୟାଳୟ ଏହି ଆଧାରରେ ଅନୁମତି ପ୍ରଦାନ କରିଥିଲେ ଯେ ତାଙ୍କ ଜ୍ୱାଇଁଙ୍କ ପାଇଁ ମକଦ୍ଦମାଧୀନ ପରିସରର ତଳ ମହଲାରେ ଏକ କ୍ଲିନିକ୍ ଖୋଲିବା ଆବେଦନକାରୀ ସଂଖ୍ୟା 2 ଙ୍କର କେବଳ ଏକ ଇଚ୍ଛା ଥିଲା ଏବଂ ସେଥିପାଇଁ, ଜ୍ୱାଇଁଙ୍କ

**ବୃତ୍ତି ପାଇଁ ଯୁକ୍ତିଯୁକ୍ତ ଏବଂ ସାଧୁ ଉଦ୍ଦେଶ୍ୟରେ ଆବେଦନକାରୀ-ଜମି ମାଲିକମାନେ ମକଦ୍ଦମାଧୀନ ପରିସରର ଆବଶ୍ୟକ କରିନଥିଲେ । ସେଥିପାଇଁ ଏହି ଆବେଦନ କରାଯାଇଛି ।**

**ଆବେଦନକୁ ଅନୁମତି ପ୍ରଦାନ କରି, ନ୍ୟାୟାଳୟ**

**ନିର୍ଣ୍ଣୟ କରିଥିଲେ: 1. ବିହାର ଗୃହ ନିର୍ମାଣ (ଲିଜ୍, ଭଡ଼ା ଏବଂ ବେଦଖଲ) ନିୟନ୍ତ୍ରଣ ଅଧିନିୟମ, 1982 ର ଧାରା 14 ହେଉଛି *ଯଥାର୍ଥ* ଆବଶ୍ୟକତା ଆଧାରରେ ବେଦଖଲ ପାଇଁ ମାମଲାଗୁଡ଼ିକର ସମାଧାନ ପାଇଁ ଏକ ସ୍ୱତନ୍ତ୍ର ପ୍ରକ୍ରିୟା । ଅଧିନିୟମର ଧାରା 14 (8) ର ପରନ୍ତୁକ ଅନୁଯାୟୀ ଦାଖଲ ହୋଇଥିବା ଏକ ପୁନରୀକ୍ଷଣ ଆବେଦନରେ, ଉଚ୍ଚ ନ୍ୟାୟାଳୟକୁ ନିଜକୁ ସନ୍ତୁଷ୍ଟ କରିବାକୁ ପଡିବ ଯେ ଅଧିନିୟମର ଧାରା 14 ଅନୁଯାୟୀ ବେଦଖଲ ଆଦେଶ ଆଇନ ଅନୁଯାୟୀ ଥିଲା କି । ପୁନରୀକ୍ଷଣ ଅଧିକାରିତାର ପରିସର ବିଧାନର ଭାଷା ଉପରେ ନିର୍ଭର କରେ । ଯଦିଓ ପୁନରୀକ୍ଷଣ ଅଧିକାରିତା କେବଳ ଅପିଲୀୟ ଅଧିକାରିତାର ଏକ ଅଂଶ ଅଟେ, ଏହାକୁ ଏକ ପୂର୍ଣ୍ଣକାଳୀନ ଅପିଲ ସହ ତୁଳନା କରାଯାଇପାରିବ ନାହିଁ । [176-E]**

*ଶିବ ସରୂପ ଗୁପ୍ତା* ବନାମ *ଡକ୍ଟର ମହେଶ ଚାନ୍ଦ ଗୁପ୍ତା,* **[1999] 6 SCC 222 ଉପରେ ନିର୍ଭର କରାଯାଇଥିଲା ।**

**2. ବିଚାରଣ ନ୍ୟାୟାଳୟର ଫଳାଫଳ, ଯାହା ବିବରଣୀରେ ଥିବା ପ୍ରମାଣ ଉପରେ ଆଧାରିତ ଥିଲା କୁ ଉଚ୍ଚ ନ୍ୟାୟାଳୟ ବିଚାରକୁ ନେଇନଥିଲେ । ଉଚ୍ଚ ନ୍ୟାୟାଳୟଙ୍କ ସିଦ୍ଧାନ୍ତ ଯେ ମାମଲାଧୀନ ପରିସରରେ ଏକ କ୍ଲିନିକ୍ ଖୋଲିବା ଆବେଦନକାରୀଙ୍କ କେବଳ ଇଚ୍ଛା ଥିଲା ତାହା ଗ୍ରହଣୀୟ ନୁହେଁ କାରଣ ସ୍ୱାଇଁ ପୂର୍ବରୁ ମାମଲାଧୀନ ପରିସରର ଗୋଟିଏ କୋଠରୀରେ କାର୍ଯ୍ୟ ଆରମ୍ଭ କରିସାରିଛନ୍ତି । [177- G]**

ଦେୱାନୀ ଆବେଦନ ଅଧିକାରିତା: ଦେୱାନୀ ଆବେଦନ ସଂଖ୍ୟା 157/1999

C.R. ସଂଖ୍ୟା 231/1997ରେ ପାଟନା ଉଚ୍ଚ ନ୍ୟାୟାଳୟର 11.2.98 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀମାନଙ୍କ ତରଫରୁ ଅମରେନ୍ଦ୍ର ଶରଣ, ସମୀର ଅଲ୍ଲୀ ଖାନ ଏବଂ ଇରଶାଦ ଅହମ୍ମଦ ।

ଉତ୍ତରଦାତାମାନଙ୍କ ପକ୍ଷରୁ ଏ. ଏନ୍. ବର୍ଦିଆର୍ ।

ନ୍ୟାୟାଳୟଙ୍କ ରାୟ ପ୍ରଦାନ କରାଯାଇଥିଲା

**ନ୍ୟାୟାଧୀଶ ଫୁକାନଙ୍କ ଦ୍ୱାରା ।** ଦେୱାନୀ ପୁନରୀକ୍ଷଣ ସଂଖ୍ୟା 231/1997 ରେ ପାଟନା ଉଚ୍ଚ ନ୍ୟାୟାଳୟର ବିଦ୍ୱାନ ଏକକ ବିଚାରପତିଙ୍କ ଆଦେଶରୁ ବିଶେଷ ଅନୁମତି ଦ୍ୱାରା ଏହି

ଆବେଦନ ବିଦ୍ୟମାନ । ମାଲିକାନା (ବେଦଖଲ) ମକଦ୍ଦମା ସଂଖ୍ୟା 15/1995 ରେ ବେଗୁସରାଇର ମୁନ୍ସିଫ୍ 1st ଙ୍କ ଦ୍ୱାରା 10.01.1997 ତାରିଖରେ ପାରିତ ବେଦଖଲ ଆଦେଶକୁ ଖାରଜ କରି ବିହାର ଗୃହ ନିର୍ମାଣ (ଲିଜ୍ , ଭଡ଼ା ଏବଂ ବେଦଖଲ) ନିୟନ୍ତ୍ରଣ ଅଧିନିୟମ, 1982 (ସଂକ୍ଷେପରେ 'ଅଧିନିୟମ') ର ଧାରା 14 (8) ଅନୁଯାୟୀ ଦାଖଲ ହୋଇଥିବା ଆବେଦନକୁ ଉଚ୍ଚ ନ୍ୟାୟାଳୟ ଅନୁମତି ପ୍ରଦାନ କରିଛନ୍ତି ।

ଅଧିନିୟମର ଧାରା 11 (1) (c) ଅନୁଯାୟୀ ମକଦ୍ଦମାଧୀନ ପରିସରରୁ ଉତ୍ତରଦାତା-ଭଡ଼ାଟିଆଙ୍କୁ ବେଦଖଲ କରିବା ପାଇଁ ଆବେଦନକାରୀ-ଜମି ମାଲିକମାନେ ଏକ ମକଦ୍ଦମା ଦାୟର କରିଥିଲେ, ଅର୍ଥାତ୍ ଏହି ଆଧାରରେ ଯେ ଜମି ମାଲିକଙ୍କ ଦ୍ୱାରା ବ୍ୟବହାର ଏବଂ ବୃତ୍ତି ପାଇଁ ମକଦ୍ଦମାଧୀନ ପରିସରରର ଯୁକ୍ତିଯୁକ୍ତ ଏବଂ ସାଧୁ ଉଦ୍ଦେଶ୍ୟରେ ଆବଶ୍ୟକତା ଥିଲା ।

ପୂର୍ବରୁ ମୃତ, ଆବେଦନକାରୀ ସଂଖ୍ୟା 1 ଆବେଦନକାରୀ ସଂଖ୍ୟା 2 ଙ୍କର ପିତା ଥିଲେ । ଉପରୋକ୍ତ ଉଭୟ ଆବେଦନକାରୀଙ୍କ ଦ୍ୱାରା ବେଦଖଲ ମକଦ୍ଦମା ଦାୟର କରାଯାଇଥିଲା ଏବଂ ଉଚ୍ଚ ନ୍ୟାୟାଳୟରେ ଦେୱାନୀ ପୁନରୀକ୍ଷଣର ବିଚାରଧୀନତା ସମୟରେ, ଆବେଦନକାରୀ ସଂଖ୍ୟା 1 ମୃତ୍ୟୁ ବରଣ କରିଥିଲେ ଏବଂ ପ୍ରତିବଦଳରେ ତାଙ୍କ ପତ୍ନୀଙ୍କ ନାମ ରଖାଯାଇଥିଲା । ଆବେଦନକାରୀ ସଂଖ୍ୟା 2ଙ୍କର ଦୁଇଟି ଝିଅ ଅଛନ୍ତି ଏବଂ ଡ. ସଞ୍ଜୀବ କୁମାର ସିଂହଙ୍କୁ ବଡ଼ ଝିଅ ବିବାହ କରିଥିଲେ ଏବଂ ତାଙ୍କର କୌଣସି ପୁଅ ନାହିଁ । ବେଦଖଲ ପାଇଁ ଆଧାର ଏହା ଥିଲା ଯେ ଆବେଦନକାରୀ ସଂଖ୍ୟା 2 ଙ୍କର ଉକ୍ତ ଜ୍ୱାଇଁଙ୍କ ନିମନ୍ତେ ଏକ କ୍ଲିନିକ୍ ଆରମ୍ଭ କରିବା ପାଇଁ ମକଦ୍ଦମାଧୀନ ପରିସରର ଆବଶ୍ୟକ ଥିଲା, ଯିଏ 1992 ରେ ତାଙ୍କ ବିବାହ ପରଠାରୁ ତାଙ୍କ ଶ୍ୱଶୁରଙ୍କ ସହ ରହୁଛନ୍ତି । ଏହି ଆରୋପ ଲଗାଯାଇଥିଲା ଯେ ଜ୍ୱାଇଁ ଜଣେ ଡାକ୍ତରୀ ସ୍ନାତକ ଏବଂ ଜଣେ ପଞ୍ଜୀକୃତ ଡାକ୍ତର ହୋଇଥିଲେ ମଧ୍ୟ ବେକାର ଥିଲେ । ତିନି ଜଣ ଭଡ଼ାଟିଆଙ୍କ ବିରୋଧରେ ମକଦ୍ଦମା ଦାୟର କରାଯାଇଥିଲା, ଯେଉଁଥିରୁ ଦୁଇ ଜଣ ଭଡ଼ାଟିଆ ମକଦ୍ଦମାଧୀନ ପରିସର ଖାଲି କରିବାକୁ ରାଜି ହୋଇଥିଲେ ଏବଂ କେବଳ ଉତ୍ତରଦାତା ସଂଖ୍ୟା 3, ଉମେଶ ଚନ୍ଦ୍ର ବର୍ମା, ଯିଏ ଏହି ଆବେଦନରେ ଉତ୍ତରଦାତା ସଂଖ୍ୟା 1 ଅଟନ୍ତି, ପ୍ରତିବାଦ କରିବାକୁ ଅନୁମତି ପାଇବା ପରେ ମକଦ୍ଦମା ଲଢ଼ିଥିଲେ । ବିରୋଧ କରୁଥିବା ଉତ୍ତରଦାତା ସଂଖ୍ୟା 1 ନିବେଦନ କରିଥିଲେ ଯେ ଆବେଦନକାରୀ ସଂଖ୍ୟା 2 ଙ୍କର ଜ୍ୱାଇଁ ଅସ୍ତ୍ରୋପଚାରରେ ସ୍ନାତକୋତ୍ତର ଛାତ୍ର ହୋଇଥିବାରୁ ଛାତ୍ରାବାସରେ ରହୁଛନ୍ତି ଏବଂ ଆହୁରି ଯୁକ୍ତି ଦର୍ଶାଇଥିଲେ ଯେ ଉକ୍ତ ଜ୍ୱାଇଁଙ୍କର ନିଜସ୍ୱ ଘର ଅଛି ଯେଉଁଠାରେ ସେ ପ୍ରସ୍ତାବିତ କ୍ଲିନିକ୍ ସ୍ଥାପନ କରିପାରିବେ । ଏହା ଅସ୍ୱୀକାର କରାଯାଇଥିଲା ଯେ

ଜମି ମାଲିକଙ୍କର ମକଦ୍ଦମାଧୀନ ପରିସରର *ଯଥାର୍ଥ* ଆବଶ୍ୟକତା ଥିଲା । ଉତ୍ତରଦାତା ସଂଖ୍ୟା 1 ଙ୍କର ପରବର୍ତ୍ତୀ ମାମଲାଟି ଏହା ଥିଲା ଯେ ଯେହେତୁ ତାଙ୍କର 'ବ୍ୟବସାୟରେ ବହୁତ ଉନ୍ନତି ହୋଇଥିଲା' ଆବେଦନକାରୀ ବର୍ଦ୍ଧିତ ଭଡ଼ା ଦାବି କରିଥିଲେ ଯାହାକୁ ସେ ପ୍ରତ୍ୟାଖ୍ୟାନ କରିଥିଲେ ଏବଂ ସେଥିପାଇଁ ତାଙ୍କୁ ମକଦ୍ଦମାଧୀନ ପରିସର ଖାଲି କରିବାକୁ କୁହାଯାଇଥିଲା ।

ବିବରଣୀରେ ଥିବା ପ୍ରମାଣକୁ ଯାଞ୍ଚ କରିବା ପରେ ବିଚାରଣ ନ୍ୟାୟାଳୟ ନିର୍ଣ୍ଣୟ କରିଥିଲେ ଯେ ଜମି ମାଲିକଙ୍କୁ ମକଦ୍ଦମାଧୀନ ପରିସର ପ୍ରକୃତରେ ଏବଂ *ଯଥାର୍ଥ* ଭାବରେ ଆବଶ୍ୟକ ଥିଲା ଏବଂ ତଦନୁସାରେ ସେ ବେଦଖଲ ଆଦେଶ ପ୍ରଦାନ କରିଥିଲେ । *ଅନ୍ୟ ବିଷୟଗୁଡ଼ିକ ମଧ୍ୟରେ* ଉଚ୍ଚ ନ୍ୟାୟାଳୟ ରାୟ ପ୍ରଦାନ କରିଥିଲେ ଯେ ତାଙ୍କ ଜ୍ୱାଇଁଙ୍କ ପାଇଁ ମକଦ୍ଦମାଧୀନ ପରିସରର ତଳ ମହଲାରେ ଏକ କ୍ଲିନିକ୍ ଖୋଲିବା ପାଇଁ ଆବେଦନକାରୀ ସଂଖ୍ୟା 2 କେବଳ ଇଚ୍ଛା ପୋଷଣ କରିଥିଲେ ଏବଂ ସେଥିପାଇଁ, ନିର୍ଣ୍ଣୟ କରିଥିଲେ ଯେ ଜମି ମାଲିକମାନେ ଜ୍ୱାଇଁଙ୍କ ବୃତ୍ତି ପାଇଁ ଯୁକ୍ତିଯୁକ୍ତ ଏବଂ ସାଧୁ ଉଦ୍ଦେଶ୍ୟରେ ମକଦ୍ଦମାଧୀନ ପରିସରର ଆବଶ୍ୟକ କରିନଥିଲେ । ଉଚ୍ଚ ନ୍ୟାୟାଳୟ ଏହା ମଧ୍ୟ ଜାଣିବାକୁ ପାଇଲେ ଯେ ଜ୍ୱାଇଁଙ୍କ ପିତାଙ୍କ ମାଲିକାନାରେ ଥିବା ପରିସର ଖାଲି ପଡ଼ିଥିଲା ଏବଂ ଉକ୍ତ ଗୃହ ନିର୍ମାଣ ଟି ଏକ କ୍ଲିନିକ୍ ପାଇଁ ଉପଯୁକ୍ତ ନୁହେଁ ବୋଲି କୌଣସି ସକରାତ୍ମକ ପ୍ରମାଣ ଅଭାବରୁ ବେଦଖଲ ଆଦେଶ ଗ୍ରହଣୀୟ ନଥିଲା ।

ଆବେଦନକାରୀଙ୍କ ତରଫରୁ ଉତ୍ଥାପିତ ମୁଖ୍ୟ ଯୁକ୍ତି ହେଉଛି ଯେ ଅଧିନିୟମର ଧାରା 14 ର ଉପଧାରା (8) ର ପରନ୍ତୁକ ଅନୁଯାୟୀ କ୍ଷମତା ପ୍ରୟୋଗ କରି, ବିବରଣୀରେ ଥିବା ପ୍ରମାଣ, ଯାହା ଆଇନ ଅନୁଯାୟୀ ଅନୁମତିପ୍ରାପ୍ତ ନୁହେଁ, କୁ ପୁନଃଗ୍ରହଣ କରି ବିଚାରଣ ନ୍ୟାୟାଳୟର ସିଦ୍ଧାନ୍ତକୁ ଆକ୍ଷେପିତ ଆଦେଶ ଦ୍ୱାରା ଉଚ୍ଚ ନ୍ୟାୟାଳୟ ଓଲଟାଇ ଦେଇଛନ୍ତି ।

*ଯଥାର୍ଥ* ଆବଶ୍ୟକତା ଆଧାରରେ ବେଦଖଲ ଉଦ୍ଦେଶ୍ୟରେ ଥିବା ମାମଲାଗୁଡ଼ିକର ସମାଧାନ ପାଇଁ ଧାରା 14 ହେଉଛି ଏକ ସ୍ୱତନ୍ତ୍ର ପ୍ରକ୍ରିୟା । କୌଣସି ପରିସର ଦଖଲର ପୁନରୁଦ୍ଧାର ପାଇଁ ଏହି ସାରମର୍ମ ପ୍ରକ୍ରିୟା, ଉକ୍ତ ଅଧିନିୟମର ଧାରା 11 ର ଉପଧାରା (1) ର ଖଣ୍ଡ (c) କିମ୍ବା ଖଣ୍ଡ (e) ରେ ନିର୍ଦ୍ଦିଷ୍ଟ ଆଧାରରେ ଉପଲବ୍ଧ ଅଟେ । ବିଚାରାଧୀନ ମାମଲା ବିଷୟରେ ଖଣ୍ଡ (c) ଉପରେ ଆମେ ଆଗ୍ରହ ପ୍ରକାଶ କରୁଛୁ ଯାହା ବେଦଖଲ କରିବା ନିମନ୍ତେ ଡିକ୍ରି ପାରିତ କରିବା ପାଇଁ ଏକ ଆଧାର ଯେଉଁଠାରେ ଗୃହ ନିର୍ମାଣ ଟି ଯୁକ୍ତିଯୁକ୍ତ ଏବଂ ସାଧୁ ଉଦ୍ଦେଶ୍ୟରେ ଜମି ମାଲିକଙ୍କ ଦ୍ୱାରା ତାଙ୍କ ନିଜ ବୃତ୍ତି ପାଇଁ କିମ୍ବା କୌଣସି ବ୍ୟକ୍ତିଙ୍କ ଦଖଲ ପାଇଁ ଆବଶ୍ୟକ ଯାହାର ଲାଭ ପାଇଁ ଘର ଉପରେ ଘରମାଲିକଙ୍କର ଅଧିକାର ରହିଛି । ଧାରା 14 ର ଉପଧାରା (8) ନିମ୍ନରେ ଉଦ୍ଧୃତ ହୋଇଛି:

"14(8). ଏହି ଧାରାରେ ନିର୍ଦ୍ଦିଷ୍ଟ ପ୍ରକ୍ରିୟା ଅନୁଯାୟୀ କରାଯାଇଥିବା କୌଣସି ପରିସରର ଦଖଲ ପୁନରୁଦ୍ଧାର ପାଇଁ କୌଣସି ଆଦେଶ ବିରୁଦ୍ଧରେ କୌଣସି ଆବେଦନ କିମ୍ବା ଦ୍ୱିତୀୟ ଆବେଦନ ରହିବ ନାହିଁ ।

ଉଲ୍ଲେଖଥାଉ ଯେ ବେଦଖଲ ଆଦେଶର ଷାଠିଏ ଦିନ ମଧ୍ୟରେ କୌଣସି ଆବେଦନ ଦାଖଲ କରାଯିବା ପରେ, ଉଚ୍ଚ ନ୍ୟାୟାଳୟ ଏହି ଧାରା ଅଧୀନରେ କୌଣସି ଆଦେଶ ଆଇନ ଅନୁଯାୟୀ ହୋଇଛି ବୋଲି ସନ୍ତୁଷ୍ଟ କରିବା ଉଦ୍ଦେଶ୍ୟରେ, ଉଚ୍ଚ ନ୍ୟାୟାଳୟ ମାମଲାର ବିବରଣୀର ବରାଦ ଦେଇପାରିବେ ଏବଂ ଏହା ସମ୍ବନ୍ଧରେ ସେ ଯେପରି ଉପଯୁକ୍ତ ମନେ କରିବେ ସେପରି ଆଦେଶ ପ୍ରଦାନ କରିପାରିବେ ।"

ଉକ୍ତ ଅଧିନିୟମର ଧାରା 14 ର ଉପରୋକ୍ତ ଉପ-ଧାରା (8) ର ପରନ୍ତୁକ ଅନୁଯାୟୀ ଦାଖଲ ହୋଇଥିବା ଏକ ପୁନରୀକ୍ଷଣ ଆବେଦନରେ, ଉଚ୍ଚ ନ୍ୟାୟାଳୟକୁ ନିଜକୁ ସନ୍ତୁଷ୍ଟ କରିବାକୁ ପଡିବ ଯେ ଅଧିନିୟମର ଧାରା 14 ଅନୁଯାୟୀ ପାରିତ ବେଦଖଲ ଆଦେଶ ଆଇନ ଅନୁଯାୟୀ ଥିଲା କି । ପୁନରୀକ୍ଷଣ ଅଧିକାରିତାର ପରିସର ବିଧାନର ଭାଷା ଉପରେ ନିର୍ଭରଶୀଳ । ଯଦିଓ, ପୁନରୀକ୍ଷଣ ଅଧିକାରିତା କେବଳ ଅପିଲୀୟ ଅଧିକାରିତାର ଏକ ଅଂଶ ଅଟେ, ଏହାକୁ ଏକ ପୂର୍ଣ୍ଣକାଳୀନ ଆବେଦନ ସହ ତୁଳନା କରାଯାଇପାରିବ ନାହିଁ ।

ଦିଲ୍ଲୀ ଭଡ଼ା ନିୟନ୍ତ୍ରଣ ଅଧିନିୟମ, 1958ର ଧାରା 25Bର ପରନ୍ତୁକରେ ଅନ୍ତର୍ଭୁକ୍ତ ଏକ ସମାନ ବ୍ୟବସ୍ଥା *ଶିବ ସରୂପ ଗୁପ୍ତା* ବନାମ *ଡ. ମହେଶ ଚାନ୍ଦ ଗୁପ୍ତା,* [1999] 6 SCC 222 ମାମଲାରେ ଏହି ନ୍ୟାୟାଳୟର ବିଚାର ପାଇଁ ଆସିଥିଲା । ଅଦାଲତ ନିର୍ଣ୍ଣୟ କରିଥିଲେ ଯେ ଏହି ପରନ୍ତୁକ ଅନୁଯାୟୀ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପୁନରୀକ୍ଷଣ ଅଧିକାରିତାର ପ୍ରୟୋଗ "ଏହି ସନ୍ତୁଷ୍ଟି ଉଦ୍ଦେଶ୍ୟରେ ଅଟେ ଯେ ନିୟନ୍ତ୍ରକଙ୍କ ଦ୍ୱାରା ପ୍ରଦତ୍ତ ଏକ ଆଦେଶ ଆଇନ ଅନୁଯାୟୀ କି" । ଅଦାଲତ ଆହୁରି ମଧ୍ୟ ନିର୍ଣ୍ଣୟ କରିଥିଲେ ଯେ ଉକ୍ତ ପରନ୍ତୁକ ଅନୁଯାୟୀ ପ୍ରୟୋଗଯୋଗ୍ୟ ପୁନରୀକ୍ଷଣ ଅଧିକାରିତା ଧାରା 115 CPC ଅନୁଯାୟୀ ଏତେ ସୀମିତ ନୁହେଁ କିମ୍ବା ଏକ ଅପିଲୀୟ ଅଦାଲତ ପରି ବ୍ୟାପକ ନୁହେଁ ଏବଂ ଉଚ୍ଚ ନ୍ୟାୟାଳୟ କେବଳ ପ୍ରମାଣର ପ୍ରଶଂସା କିମ୍ବା ପୁନଃ ପ୍ରଶଂସା ଏଥିପାଇଁ କରିପାରିବେ ନାହିଁ କାରଣ ତଥ୍ୟର ଅଦାଲତ ଭଳି ଏହା ତଥ୍ୟର ଏକ ଭିନ୍ନ ଦୃଷ୍ଟିକୋଣ ନେବାକୁ ପ୍ରବୃତ୍ତ । ଅଦାଲତ ଆହୁରି ମଧ୍ୟ ନିର୍ଣ୍ଣୟ କରିଥିଲେ ଯେ ତଥାପି, ଭଡ଼ା ନିୟନ୍ତ୍ରକଙ୍କ ଆଦେଶ "ଏହା ଆଇନ ଅନୁଯାୟୀ କି" ତାହାର ମାନଦଣ୍ଡ ଉପରେ ପରୀକ୍ଷା କରିବାକୁ ଉଚ୍ଚ ନ୍ୟାୟାଳୟ ବାଧ୍ୟ ଅଟନ୍ତି ଏବଂ ସେହି ସୀମିତ ଉଦ୍ଦେଶ୍ୟ ପାଇଁ ଭଡ଼ା ନିୟନ୍ତ୍ରକ ଉପନୀତ

ହୋଇଥିବା ସିଦ୍ଧାନ୍ତ ସମ୍ପୂର୍ଣ୍ଣ ଅଯୌକ୍ତିକ କି କିମ୍ବା ଉପଲବ୍ଧ ବିଷୟରେ କୌଣସି ଯୁକ୍ତିଯୁକ୍ତ ବ୍ୟକ୍ତି, ଯିଏ ଯଥାର୍ଥତା ସହ କାର୍ଯ୍ୟ ସମ୍ପାଦନ କରନ୍ତି  ଉପନୀତ ହୋଇପାରି ନଥିଲେ ତାହା ଜାଣିବା ଉଦ୍ଦେଶ୍ୟରେ ପ୍ରମାଣର ପୁନଃ ମୂଲ୍ୟାୟନ କରିପାରିବେ ।

ଉପରୋକ୍ତ ଅନୁପାତକୁ ଦୃଷ୍ଟିରେ ରଖି ଆସନ୍ତୁ ବର୍ତ୍ତମାନ ଯାଞ୍ଚ କରିବା ଯେ ବିଚାରଣ ଅଦାଲତର ଆଦେଶକୁ ରଦ୍ଦ କରି ଉଚ୍ଚ ନ୍ୟାୟାଳୟ ଉକ୍ତ ଆକ୍ଷେପିତ ରାୟ ଦ୍ୱାରା ଏହାର ଅଧିକାରିତାକୁ ଅତିକ୍ରମ କରିଛି କି  ।

ଉଚ୍ଚ ନ୍ୟାୟାଳୟ ଏକ ସିଦ୍ଧାନ୍ତ ଲିପିବଦ୍ଧ କରିଛନ୍ତି ଯେ ଏପରି କୌଣସି ଯୁକ୍ତି ନାହିଁ ଯାହା ଏହା ଦର୍ଶାଏ ଯେ ଅଧ୍ୟୟନ ସମାପ୍ତ କରିବା ପରେ ଜ୍ୱାଇଁ ବେକାର କିମ୍ବା ବେରୋଜଗାର ହୋଇ ବସିଛନ୍ତି ଏବଂ ମକଦ୍ଦମାଧୀନ ପରିସର ବ୍ୟତୀତ ଅନ୍ୟ କୌଣସି ସ୍ଥାନ ନାହିଁ ଯେଉଁଠାରେ ସେ ନିଜର କ୍ଲିନିକ୍ ଆରମ୍ଭ କରିପାରିବେ । ଏହି ସିଦ୍ଧାନ୍ତ ଲିପିବଦ୍ଧ ହୋଇଥିବା ତଥ୍ୟର ବିପରୀତ ଅଟେ କାରଣ ବେଦଖଲ ପାଇଁ ଆବେଦନରେ ଏହା ନିର୍ଦ୍ଦିଷ୍ଟ ଭାବରେ ଦର୍ଶାଯାଇଥିଲା ଯେ ଉକ୍ତ ଜ୍ୱାଇଁ, ଯିଏ ଜଣେ ପଞ୍ଜୀକୃତ ଡାକ୍ତରୀ ଚିକିତ୍ସକ ଥିଲେ, ବେକାର ଥିଲେ ଏବଂ ତାଙ୍କୁ ଏକ କ୍ଲିନିକ୍ ଆରମ୍ଭ କରିବା ପାଇଁ ମକଦ୍ଦମାଧୀନ ପରିସରର ଆବଶ୍ୟକ ଥିଲା । ବିଚାରଣ ଅଦାଲତ ଏକ ସ୍ୱଷ୍ଟ ସିଦ୍ଧାନ୍ତ ଲିପିବଦ୍ଧ କରିଛନ୍ତି ଯେ MBBS ଡିଗ୍ରୀ ହାସଲ କରିଥିବା ଜ୍ୱାଇଁ ଜଣେ ପଞ୍ଜୀକୃତ ଡାକ୍ତରୀ ଚିକିତ୍ସକ ଥିଲେ ଏବଂ ମକଦ୍ଦମାଧୀନ ପରିସରର ଏକ କୋଠରୀରେ, ଯାହା ଜଣେ ଭଡ଼ାଟିଆଙ୍କ ଦ୍ୱାରା ଖାଲି କରାଯାଇଥିଲା, ସପ୍ତାହରେ ଦୁଇ ଦିନ ତାଙ୍କର ଡାକ୍ତରୀ କାର୍ଯ୍ୟ ଆରମ୍ଭ କରିଛନ୍ତି । ବିଚାରଣ ଅଦାଲତର ଏହି ସିଦ୍ଧାନ୍ତ ବିବରଣୀରେ ଥିବା ପ୍ରମାଣ ଉପରେ ଆଧାରିତ ଥିଲା କିନ୍ତୁ ଉଚ୍ଚ ନ୍ୟାୟାଳୟ ଏହାକୁ ଧ୍ୟାନ ଦେଇନଥିଲେ । ଆବେଦନକାରୀଙ୍କ ଜ୍ୱାଇଁଙ୍କ ବାପାଙ୍କ ଘର ବିଷୟରେ, ଉଚ୍ଚ ନ୍ୟାୟାଳୟ ଏକ ସିଦ୍ଧାନ୍ତ ଲିପିବଦ୍ଧ କରିଥିଲେ ଯେ ଉକ୍ତ ଘର ଖାଲି ପଡିଥିଲା ଏବଂ ଏହା ଡାକ୍ତରୀ ଅଭ୍ୟାସ ପାଇଁ ଉପଯୁକ୍ତ ନୁହେଁ ବୋଲି ଦର୍ଶାଇବା ପାଇଁ କୌଣସି ସକାରାତ୍ମକ ପ୍ରମାଣ ଉପସ୍ଥାପନ କରାଯାଇ ନଥିଲା । ଜ୍ୱାଇଁ PW-2 ଙ୍କ ପ୍ରମାଣ ଉପରେ ନିର୍ଭର କରି ବିଚାରଣ ନ୍ୟାୟାଳୟ ଏକ ସ୍ୱଷ୍ଟ ସିଦ୍ଧାନ୍ତ ଲିପିବଦ୍ଧ କରିଛନ୍ତି ଯେ ଉକ୍ତ ଘରଟି ମୁଖ୍ୟ ରାସ୍ତାଠାରୁ ଦୂରରେ ଥିଲା ଏବଂ ଉପଯୁକ୍ତ ନଥିଲା । PW-2 ଏବଂ ଉତ୍ତରଦାତା-ଭଡ଼ାଟିଆଙ୍କ ପାଇଁ ଜଣେ ସାକ୍ଷୀଙ୍କ ପ୍ରମାଣରୁ ଏହା ଜଣାପଡିଛି ଯେ ମୁଖ୍ୟ ରାସ୍ତା ପାର୍ଶ୍ୱରେ, ଯେଉଁଠାରେ ଅନ୍ୟ ଡାକ୍ତରଙ୍କ ଅନେକ କ୍ଲିନିକ୍ ଅଛି, ମକଦ୍ଦମାଧୀନ ପରିସରଟି ଅବସ୍ଥିତ  ଥିବାରୁ କ୍ଲିନିକ ଆରମ୍ଭ କରିବା ପାଇଁ ଜ୍ୱାଇଁଙ୍କ ବାପାଙ୍କ ଘର ତୁଳନାରେ ତାହା ଉପଯୁକ୍ତ ସ୍ଥାନ ଅଟେ । ବିବରଣୀରେ ଥିବା ପ୍ରମାଣ ଉପରେ ଆଧାରିତ ବିଚାରଣ ନ୍ୟାୟାଳୟର ଏହି ନିଷ୍ପତ୍ତିକୁ ମଧ୍ୟ ଉଚ୍ଚ ନ୍ୟାୟାଳୟ ବିଚାରକୁ ନେଇନଥିଲେ । ମାମଲାଧୀନ

ପରିସରରେରେ ଏକ କ୍ଲିନିକ୍ ଖୋଲିବା ଆବେଦନକାରୀଙ୍କ କେବଳ ଇଚ୍ଛା ବୋଲି ଉଚ୍ଚ ନ୍ୟାୟାଳୟଙ୍କ ସିଦ୍ଧାନ୍ତ ଗ୍ରହଣୀୟ ନୁହେଁ କାରଣ ସ୍ୱାଇଁ ପୂର୍ବରୁ ମାମଲାଧୀନ ପରିସରର ଗୋଟିଏ କୋଠରୀରେ ଡାକ୍ତରୀ ଅଭ୍ୟାସ ଆରମ୍ଭ କରିସାରିଛନ୍ତି ।

ତେଣୁ, ଆମର ମତ ହେଉଛି ଯେ ଉଚ୍ଚ ନ୍ୟାୟାଳୟ କେବଳ ବିଚାରଣ ଅଦାଲତର ସିଦ୍ଧାନ୍ତଗୁଡିକୁ ଅଣଦେଖା କରିନଥିଲେ ଯାହା ପ୍ରମାଣ ଉପରେ ଆଧାରିତ ଥିଲା, ବରଂ ପୁନରୀକ୍ଷଣ ଆବେଦନକୁ ଏକ ଆବେଦନ ଭାବରେ ବିବେଚନା କରିଥିଲେ ଏବଂ ବିଚାରଣ ଅଦାଲତର ଆଦେଶକୁ ଏହି ମାନଦଣ୍ଡ ଯେ ଏହା ଆଇନ ଅନୁଯାୟୀ କି, ଉପରେ ପରୀକ୍ଷା କରିନଥିଲେ ।

ଉଚ୍ଚ ନ୍ୟାୟାଳୟର ସିଦ୍ଧାନ୍ତ ତ୍ରୁଟିପୂର୍ଣ୍ଣ ଅଟେ ଏବଂ ତଦନୁସାରେ ଆମେ ନିର୍ଣ୍ଣୟ କରୁଛୁ ଯେ ଉକ୍ତ ଆକ୍ଷେପିତ ରାୟ ଆଇନରେ ପୋଷଣୀୟ ନୁହେଁ ।

ତେଣୁ, ଆମକୁ ବର୍ତ୍ତମାନର ଆବେଦନରେ ସାରବତ୍ତାର ସନ୍ଧାନ ମିଳିଛି ଏବଂ ତଦନୁସାରେ ଉଚ୍ଚ ନ୍ୟାୟାଳୟଙ୍କ ଆକ୍ଷେପିତ ରାୟକୁ ଖାରଜ କରି ଏବଂ ବିଚାରଣ ନ୍ୟାୟାଳୟର ରାୟକୁ ପୁନରୁଦ୍ଧାର କରି ଏହାକୁ ଅନୁମତି ପ୍ରଦାନ କରୁଛୁ । ପକ୍ଷମାନଙ୍କ ଉପରେ ଖର୍ଚ୍ଚଭାର ପ୍ରଦାନ କରାଗଲା । ତଥାପି, ଯେହେତୁ ଜୁନ୍, 1992 ରୁ ଉତ୍ତରଦାତା ଭଡ଼ାଟିଆ ମକଦ୍ଦମାଧୀନ ପରିସରରେ ରହି ଆସୁଛନ୍ତି, ନ୍ୟାୟର ଉଦ୍ଦେଶ୍ୟ ପୂରଣ ଏବଂ ବିକଳ୍ପ ବ୍ୟବସ୍ଥା କରିବା ପାଇଁ ଆମେ ତାଙ୍କୁ 31 ଡିସେମ୍ବର, 2002 ସୁଦ୍ଧା ମକଦ୍ଦମାଧୀନ ପରିସରକୁ ଖାଲି କରିବାକୁ ସମୟ ଦେଉଛୁ, ଯାହା ଆଜିଠାରୁ ଚାରି ସପ୍ତାହ ମଧ୍ୟରେ ସାଧାରଣ ପ୍ରତିଶ୍ରୁତି ଦାଖଲ କରିବା ଉପରେ ନିର୍ଭର କରେ ।

ଭି. ଏସ୍. ଏସ୍. ଆବେଦନକୁ ଅନୁମତି ପ୍ରଦାନ କରାଗଲା ।

**ଅସ୍ୱୀକରଣ**

"ଉପଭାଷା ରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***

ସୁଶ୍ରୀ ସଙ୍ଗୀତା ଲେଙ୍କା,
ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ